# Akashvani, Sambalpur

## SAMBALPURI NEWS BULLETIN

### 28 May 2025- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ରାଜନାଥ ସିଂହ ସାକ୍ଷାତ୍ ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍ ନୂଆଦିଲ୍ଲୀ ନ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଭେଟିଛନ୍ । ଇ ସମିଆଥି ମୁଖ୍ୟମନ୍ତ୍ରୀ ଦେଶର୍ ସୁରକ୍ଷା ଦିଗେ ଓଡ଼ିଶାର୍ ଭୂମିକା ବାବ୍‌ଦେ ଆଲୋଚନା କରିଥିବା ଜାନପଡ଼ିଛେ । ବାଲେଶ୍ୱର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଆଉ ଏପିଜେ ଅବ୍‌ଦୁଲ୍ କାଲାମ୍ ଦ୍ୱୀପ, ପାରାଦ୍ୱୀପ, ଗୋପାଲ୍‌ପୁର ଆଉ ଧାମରା ବନ୍ଦର୍‌ର୍ ସୁରକ୍ଷା ବାବ୍‌ଦେ ଆଲୋଚନା କର୍‌ବାର୍ ସହେତେ ସେ ସବୁ ଇଲାକାର୍ ବିକାଶ ବାବ୍‌ଦେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ ।

ରାଜ୍ୟ କେବିନେଟ୍‌ର ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ରାଜ୍ୟ କେବିନେଟ୍‌ର ଜରୁରୀ ବୈଠକ୍ ବସ୍‌ବା । ଇଥି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ

ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇକରି ମଞ୍ଜୁର୍ କରାଯିବା ବଲି ଜନାପଡ଼ିଛେ । କେବିନେଟ୍ ବୈଠକ୍‌ର ଢାଂଚା ବଦ୍‌ଲିବାର୍ ଉତ୍‌ରୁ ଇଟା ପହେଲା ବୈଠକ୍ ହେବା ।

ସଚିବସ୍ତରୀୟ ବୈଠକ୍ I&PR

ଭୁବନେଶ୍ୱରଠାନେ ଗଲାକାଏଲ୍ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର ଅଧ୍ୟକ୍ଷତାଥି ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସରକାରୀ ବ୍ୟବସ୍ଥାକେ ଅଏତ୍‌କା କ୍ରିୟାଶୀଲ୍ ଆଉ ତୁର୍‌ତି କର୍‌ବାର୍ ବାବଦେ ଆଲୋଚନା ହେଇଛେ । ଇ ଅବ୍‌ସରେ ୨୦୨୫-୨୬ ଆର୍ଥିକ୍ ବଛର୍ ବଜେଟ୍ ଅନ୍‌ସାରେ ଇ ବଛର୍ ଏପ୍ରିଲ ମାସ୍ ତକ୍ ସବୁ ବିଭାଗର୍ ଖର୍ଚ୍ଚା ବାବଦ୍ ତଥ୍ୟ ଉପସ୍ଥାପନ୍ କରାଯାଇଥିଲା । ଆଏବା ଦିନେ ସରକାରୀ କାମ୍‌ମାନଙ୍କର ପକ୍ରିୟା ସରଲ୍ କର୍‌ବାର୍‌କେ ନେଇକରି ଆଲୋଚନା ହେଇଥିଲା । ଫି ମାସ ବିଭାଗସ୍ତରେ କାମ୍‌କାଜ୍‌ର ଅଗ୍ରଗତି ଆଉ ଖର୍ଚ୍ଚା ବାବ୍‌ଦେ ସମୀକ୍ଷା କମର୍‌ବାର୍‌କେ ମୁଖ୍ୟ ଶାସନ ସଚିବ ସବୁ ବିଭାଗର୍ ସଚିବମାନଙ୍କୁ ପରାମର୍ଶ ଦେଇଛନ୍ । ଇତାର୍ ସହେତେ ସରକାରଙ୍କ ବଛର୍ ପୂର୍ତି ଅବ୍‌ସରେ ହେବାର୍‌କେ ଥିବା କାର୍ଯ୍ୟକ୍ରମ ବାବ୍‌ଦେ ଭିଲ୍ ବୈଠକଥି ଆଲୋଚନା କରାଯାଇଥିଲା ।

ଜଲ ସମ୍ପଦ୍ ବିଭାଗ ସମୀକ୍ଷା    I&PR

ଉନ୍ନୟନ କମିଶନର ଆଉ ଜଲ୍ ସମ୍ପଦ୍ ବିଭାଗର୍ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଲାକାଏଲ୍ ଜଲ୍ ସମ୍ପଦ୍ ବିଭାଗର୍ ଭିନ୍ ଭିନ୍ ପ୍ରକଳ୍ପମାନଙ୍କର କାମ୍‌କାଜ୍‌ର ସମୀକ୍ଷା କରିଛନ୍ । ବୈଠକ୍‌ଥି ରାଏଜେ କାର୍ଯ୍ୟକାରୀ ହେଉଥିବା ବୃହତ୍, ମଧ୍ୟମ, ଛୋଟ୍ ଜଲ୍‌ସେଚନ୍, ଉଠା ଜଲ୍ ସେଚନ୍, ମେଗା ଉଠା ଜଲ୍‌ସେଚନ୍ ପ୍ରକଳ୍ପ ଆଉ ତିଆର୍ ଚାଲିଥିବା ଭିନ୍ ଭିନ୍ ପ୍ରକଳ୍ପମାନଙ୍କର ସମୀକ୍ଷା କରିଛନ୍ । ସବୁ ପ୍ରକଳ୍ପମାନେ ଯେନ୍ତା ଠିକ୍‌ଭାବେ କାମ୍ କର୍‌ବା ଆଉ କାମ୍ ଚାଲିଥିବା ପ୍ରକଳ୍ପମାନଙ୍କୁ ତୁର୍‌ତି କାର୍ଯ୍ୟକ୍ଷମ୍ କର୍‌ବାର୍ ଦିଗେ ଶ୍ରୀମତି ଗର୍ଗ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ ।

ସୀମା ବିବାଦ-ବୈଠକ୍        ହି.ସ.

କୋଟିଆ ସୀମା ବିବାଦ୍‌ର ସମାଧାନ୍ ଲାଗି ଆଏବା ୩ ତାରିଖ ସବୁ ବିଭାଗ୍‌ର ଅଧିକାରୀମାନ୍‌କୁ ନେଇକରି ବୋର୍ଡ଼ର୍ କମିଟିର୍ ସମନ୍ୱୟ ବୈଠକ୍ ହେବା । ଇତାର୍ ଆଘୋନୁ ଗୃହ କମିଟି ବୈଠକ୍‌ର ପ୍ରସ୍ତାବ୍‌କେ ରାଜ୍ୟ ସରକାରଙ୍କରା ପାଖେ ଉପସ୍ଥାପନ୍ କରାଯିବା ବଲି ଜନାପଡ଼ିଛେ ।

ରାଏଜେ ଲାଗିରହିଥିବା ସୀମା ବିବାଦ୍‌କେ ନେଇକରି ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗୃହ କମିଟି ପହେଲା ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ଆନ୍ଧ୍ରପ୍ରଦେଶ୍ ସୀମ୍‌ନା ଇଲାକା ନ ଥିବା କୋଟିଆ ପୋଲାଭରମ୍ ସହେତେ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା ହେଇଥିଲା ।

କୋଭିଡ୍- ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍     ହି.ସ.

ଦେଶେ କୋଭିଡ୍ ଥିତିକେ ନେଇକରି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ଜରୁରୀ ବୈଠକ୍ ବସ୍‌ବା । ବୈଠକ୍‌ଥି ଦେଶର୍ ସବୁ ରାଜ୍ୟର୍ ସ୍ୱାସ୍ଥ୍ୟ ସଚିବ ମାନେ ଆଭାସୀ ଜରିଏ ଯୋଗ୍ ଦେବେ ଆଉ କରୋନା ଥିତିକେ ନେଇକରି ତୟାରି ବାବ୍‌ଦେ ଆଲୋଚେନା କର୍‌ବେ ବଲି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ ।

ଦୁର୍ଘଟନା-ମୁଖ୍ୟମନ୍ତ୍ରୀ ସାହାଜ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ବୌଦ୍ଧ ଜିଲ୍ଲାନ ଘଟିଥିବା ସଡ଼କ ଦୁର୍ଘଟ୍‌ନାଥି ଗଜେନ୍ଦ୍ର ମଲିକ ଆଉ ତାଙ୍କର ଝି ଲିପ୍‌ସା ମଲ୍ଲିକଙ୍କର ଜୀବନ୍ ଯିବାର୍ ଘଟ୍‌ନାଥି ମୁଖ୍ୟମନ୍ତ୍ରୀ

ମୋହନ ଚରଣ ମାଝୀ ଶୋକ ପ୍ରକାଶ କର୍‌ବାର୍ ସହେତେ ପରିବାର ଲୁକ୍‌କୁ ସମ୍ବେଦନା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ମୃତକଙ୍କର ପରିବାର୍ ଲୁକ୍‌କୁ ୪ ଲାକ୍ ଟଙ୍କା ଲେଖା ଅନୁକମ୍ପା ସାହାଜ୍ ଘୋଷ୍‌ନା କରି କରି ଦୁର୍ଘଟ୍‌ନାଥି ଜଖମ୍ ହେଇଥିବା ଲୁକ୍‌କର ଆରୋଗ୍ୟ କାମ୍‌ନା କରିଛନ୍ ।

ଇନ୍‌ଷ୍ଟାଂଟ ପରୀକ୍ଷା ଆବେଦନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍-ସିଏଚ୍‌ଏସ୍‌ଇ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷାଥି ଫେଲ୍ ହେଇଥିବା ଛାତ୍ରଛାତ୍ରୀଙ୍କର ଇନ୍‌ଷ୍ଟାଂଟ ପରୀକ୍ଷା ଲାଗି ଆଏଜ୍‌ଠାନୁ ଆବେଦନ୍ ପ୍ରକ୍ରିୟା ମୁଲ୍ ହେଉଛେ । ପ୍ରକ୍ରିୟା ଜୁନ୍ ୨ ତାରିଖ୍‌ତକ୍ ଚାଲ୍‌ବା । ଜୁନ୍ ୨ନୁ ୩ ତାରିଖ ଭିତ୍‌ରେ ଛାତ୍ରଛାତ୍ରୀ ପରୀକ୍ଷା ଫି ଏସ୍‌ବି କଲେକ୍ଟ ଜରିଏ ଦାଖଲ୍ କରିପାର୍‌ବେ । ତାର୍ ଉତ୍‌ରୁ ଇତାକେ କଲେଜ୍ ନ ଦାଖଲ୍ କରିପାର୍‌ବେ । ଜୁନ୍ ୨୫ ଆଉ ୨୬ ତାରିଖ୍ ପରୀକ୍ଷା ହେବା ବଲି ଜନାପଡ଼ିଛେ ।

ନନ୍ଦପଡ଼ା- ପତର୍‌ପେଁଡ଼ି ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କର୍ ବିହାଥି ଯୋଗ୍ ଦେବାର୍ ଲାଗି ନୃସିଂହ ମହାପ୍ରଭୁ ସହରର୍ ଦେ'ଦେବ୍‌ତାମାନଙ୍କୁ  ଆଏଜ୍ ନିଉତା ଦେବେ । ଇତାର୍ ଆଗୋନୁ ଗଲାକାଏଲ୍ ଦେବଦମ୍ପତିଙ୍କର୍ ବିହା ଲାଗି ପତର୍‌ପେଁଡ଼ି ନୀତି  ହେଇଯାଇଛେ । ଆଏବାକାଏଲ୍ ଝାଡୁଆପଡ଼ାର୍ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟି ତର୍‌ଫୁ ପତର୍‌ପେଁଡ଼ି ନୀତି ହେବା ।

ସିଏମ୍ ଟ୍ରଫି                    ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ କ୍ରୀଡ଼ା ଆଉ ଯୁବ ସେବା ବିଭାଗ୍ ଆଉ ଓଡ଼ିଶା ଫୁଟ୍‌ବଲ୍ ସଂଘର୍ ମିଲିତ୍ ସହଯୋଗ୍‌ଥି ୧୫ ବଛର୍‌ନୁ କମ୍ ଆନ୍ତଃଜିଲ୍ଲା ସିଏମ୍ ଟ୍ରଫି ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍-୨୦୨୫ ଆଏଜ୍‌ଠାନୁ ମୁଲ୍ ହଉଛେ । ଜିଲ୍ଲାସ୍ତର୍‌ନୁ ବଛା ହେଇକରି ଆସିଥିବା ୪ ଜୋନ୍ ସମ୍ବଲପୁର, କେନ୍ଦୁଝର, ବ୍ରହ୍ମପୁର ଆଉ ଭୁବନେଶ୍ୱରନୁ ୩୧ଟା ଦଲ୍ ଇଥି ଭାଗ୍ ନେବେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ପର୍ଶ୍ଚିମ କେନ୍ଦ୍ରୀୟ ପାଖର୍ ଉତର୍ ବଙ୍ଗୋପ୍‌ସାଗର୍  ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଳୟ ଗଲାକାଏଲ୍ ଲଘୁଚାପ୍‌ଥି ବଦ୍‌ଲିଛେ ।  ଇଟା ବର୍‌କସ୍ ହେଇକରି ଉତର୍ ଦିଗ୍‌କେ ଗତି କର୍‌ବା । ଇତାର୍ ପ୍ରଭାବ୍‌ଥି ୩୧ ତାରିଖ୍‌ତକ୍ ରାଏଜେ ଅପର୍‌ବଲ୍ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ସତର୍କ କରିଛେ ।

ସେଆଡ଼େ ଇଥର ମୌସୁମୀ ବର୍ଷା ସ୍ୱାଭାବିକ୍‌ନୁ ଅଏତ୍‌କା ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ - ଆଇଏମ୍‌ଡି ପୂର୍ବାନୁମାନ୍ କରିଛେ । ଇ ବାବ୍‌ଦେ ଆଇଏମ୍‌ଡି ମହାନିର୍ଦ୍ଦେଶକ୍ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍……

(ଭଏସ୍ ଓଭର୍----- ମୃତ୍ୟୁଞ୍ଜୟ ମହାପାତ୍ର)